ସାଧାରଣ ଲୋକଙ୍କ ପାଇଁ ଚିରକାଳ

ଦି ସମାଜ

The Samaja

ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁଦାସ

କଟକ, ସମ୍ବଲପୁର, ବିଶାଖାପାଟଣା, କଲିକାତା, ରାଉରକେଲା ଓ ଭୁବନେଶ୍ୱରରୁ ପ୍ରକାଶିତ

ROURKELA 6 MAY - 2006, ରାଉରକେଲା, ଶନିବାର, ୬ ମେ ୨୦୦୬

ଭାଗ-୭୭ ସଂଖ୍ୟା-୧୨୨ 87th YEAR OF PUBLICATION www.thesamaja.c

'ଉତ୍ପାଦନ ପରିଚାଳନା କ୍ଷେତ୍ରରେ ଏବେଠୁ ପ୍ରସ୍ତୁତ ନହେଲେ ଭାରତ ପଛରେ ପଡ଼ିଯିବ'

ରାଉରକେଲା, ତା.୫।୫ (ନି.ପ.) – ବୈଜ୍ଞାନିକ ଜ୍ଞାନ କୌଶଳ କ୍ଷେତ୍ରରେ ଚୀନ ଓ ଭାରତ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି । ଚୀନରେ ଶ୍ରମିକମାନେ ଅଳ୍ପ ମଜୁରୀରେ ଅଧିକ ସମୟ କାର୍ଯ୍ୟ କରୁଥିବାରୁ ଚୀନ ଦ୍ୱାରା ଉତ୍ପାଦିତ ହେଉଥିବା କିଛି ଛୋଟମୋଟ ସାମଗ୍ରୀ ବିଶ୍ୱ ବଜାରରେ, ଶସ୍ତାରେ ବିକ୍ରି ହୋଇ ପାରୁଛି । ତେବେ ଉନ୍ନତ ମାନ ଓ ଜ୍ଞାନକୌଶଳଯୁକ୍ତ ସାମଗ୍ରୀ ନିର୍ମାଣ କ୍ଷେତ୍ରରେ ଭାରତ ଏବେ ମଧ୍ୟ ଆଗୁଆ ରହିଛି । କିନ୍ତୁ ଭାରତ ଏବେଠାରୁ ଯଦି ଉତ୍ପାଦନ ପରିଚାଳନା କ୍ଷେତ୍ରରେ ଧ୍ୟାନ ଦେଇ କୁଶଳୀ ପରିଚାଳନାଗତ ଜ୍ଞାନଯୁକ୍ତ ଗୁଣଶୀଳ ସୃଷ୍ଟି ନକରେ, ତେବେ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଏହା ତାଙ୍କଠାରୁ ପଛରେ ପଡ଼ିଯିବ ବୋଲି 'ଏଲ୍ ଏଣ୍ଡ ଟି'ର ଉପସଭାପତି ଏ.ଏମ୍.ମିଶ୍ର ଆଜି ଏଠାରେ ପ୍ରକାଶ କରିଛନ୍ତି ।

ଆଜି ପୂର୍ବାହ୍ନରେ କାଶୀରାମାର ସ୍ଥିତ ଆଇଆଇଟି-ଏମ୍ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ବିଷୟ ଉପରେ ଆଲୋକପାତ କରି ଶ୍ରୀ ମିଶ୍ର କହିଲେ ଯେ "ଯେ କୌଣସି କାରଖାନାରେ ଉତ୍ପାଦନ ଲକ୍ଷ୍ୟ ହାସଲ କରିବାକୁ ହେଲେ ନିରବଚ୍ଛିନ୍ନ ଭାବେ ତତ୍ପରତା କରିବା ଜରୁରୀ । ଏଭଳି ଜ୍ଞାନକୌଶଳ ବିକାଶର କମ୍ପାନୀମାନେ କହୁ ପୂର୍ବରୁ ଆପଣେଇ ସାରିଥିଲେ ମଧ୍ୟ ଭାରତରେ ଏହିପ୍ରତି ଧ୍ୟାନ ଦିଆ ଯାଇନଥିଲା । ତେବେ ସୁଖର କଥା, ଗତ ୫ ବର୍ଷ ହେଲା ଭାରତରେ ମଧ୍ୟ

୨୦୦୭–୦୮ ଶିକ୍ଷାବର୍ଷରୁ ଆଇଆଇଟିଏମ୍‌ରେ ଏମ୍‌ବିଏ ପାଠ୍ୟକ୍ରମ ଆରମ୍ଭ ହେବ

ଏଭଳି କୌଶଳ କ୍ରମାଗତ ଅଧିକରୁ ଅଧିକ ବିକଶିତ ହେବାରେ ଲାଗିଛି । କେବଳ ପେଟ୍ରୋଲ୍ କୁର୍ଦ୍ଦ, ନିଜସ୍ୱର ତତ୍ତ୍ୱାବଧାନ ନିମନ୍ତେ କାରଖାନାର ଶ୍ରମିକମାନଙ୍କୁ ପରିଚାଳନାଗତ ଜ୍ଞାନ ଓ ତାଲିମ ପ୍ରଦାନ କରିବା ଜରୁରୀ ହୋଇଥିବାରୁ ସମ୍ପ୍ରତି ନାନା କମ୍ପାନୀମାନେ ସେମାନଙ୍କ ଶ୍ରମିକମାନଙ୍କୁ ଏ ଦିଗରେ ଉତ୍ସାହିତ କରୁଛନ୍ତି ଏବଂ ଆଇଆଇଟିଏମ୍ ଭଳି ଶିକ୍ଷାନୁଷ୍ଠାନ ଏନ୍.ଟି.ପି.ସି, ଏନ୍.ଏଚ.ପି.ସି, ନାଲକୋ, କେଇସି ଇଣ୍ଟରନ୍ୟାସନାଲ, ଆଇଓସି, ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର, ଟାଟା ଗ୍ରୁପ୍ ଆଦି କମ୍ପାନୀରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀମାନଙ୍କୁ ଉତ୍ପାଦନ ପରିଚାଳନାଗତ ଆବଶ୍ୟକ ତାଲିମ ଓ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଛି ।"

ଆଇଆଇଟିଏମ୍‌ର ଶିକ୍ଷାଦାନ ଓ ପାଠ୍ୟକ୍ରମ ଉପରେ ଆଲୋକପାତ କରି ଅନୁଷ୍ଠାନର ସଂଚାଳକ ନିର୍ଦ୍ଦେଶକ ଡ.ମହିମ ନାୟକ କହିଲେ ଯେ "ଶିକ୍ଷାଦାନ ଓ ତାଲିମ ପ୍ରଦାନ ବ୍ୟତୀତ ଆଇଆଇଟିଏମ୍ ଉତ୍ପାଦନ ପରିଚାଳନା କ୍ଷେତ୍ରରେ ବିଭିନ୍ନ କମ୍ପାନୀର ପରାମର୍ଶଦାତା ଭାବେ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ କରି ଆସୁଛି ।

ସମ୍ପ୍ରତି ଏଠାରେ ନିୟମିତ ଛାତ୍ରଛାତ୍ରୀଙ୍କ ପାଇଁ ଇଞ୍ଜିନିୟରିଂ ମ୍ୟାନେଜମେଣ୍ଟରେ ପିଜି ଡିପ୍ଲୋମା ଏବଂ ଏମ୍.ଆଇ.ଟି ସହ ମିଳିତ ଆମ୍ବୁଲାନ୍ସରେ ମ୍ୟାନେଜମେଣ୍ଟରେ ଆଇଆଇଟି ଡିପ୍ଲୋମା ପାଠ୍ୟକ୍ରମ ଚାଲିଥିବାବେଳେ ବିଭିନ୍ନ କମ୍ପାନୀରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀଙ୍କ ଲାଗି ଦୂରଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ପାଠ୍ୟକ୍ରମ ମଧ୍ୟ ରହିଛି ।" ଏହା ବ୍ୟତୀତ ଆସନ୍ତା ଶିକ୍ଷାବର୍ଷରୁ ଆଇଆଇଟିଏମ୍‌ରେ ଏକ ଏମ୍‌ବିଏ ପାଠ୍ୟକ୍ରମ ମଧ୍ୟ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ । ପ୍ରାରମ୍ଭରେ ଆଇ.ଏମ୍.ପାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ କେ.କେ.ଶ୍ରୀବାସ୍ତବ ଧନ୍ୟବାଦ ଅର୍ପଣ କରିଥିଲେ ।